# ହେମ ପରଶ

ଅନ୍ତର ତଳ ମନ୍ତର କଥା
କିମିତି କହିବି ପ୍ରିୟ,
ମନ୍ଥନ ଯେବେ ଅନ୍ତରେ ଜାଗେ
ଜୀବନ ଲାଗଇ ହେୟ।

ଶ୍ରୁତିକୁ ମଧୁର ବୀଣାର ରାଗିଣୀ
ମନକୁ ଲାଗଇ ମିଠା
ଉଦ୍‌ବେଳିତ ତନୁ ମଛିତ ହେଲେ
ମିଠା ସ୍ୱର ଲାଗେ ଚିଟା।

ଘନ ବରଷାର କୃଷ୍ଣ କାଳିମା
ତୁମରେ ନପାରେ ଧରି
ଦୀପ୍ତ ତୁମର ମୁକ୍ତ ଆନନ
ଜଳଇ ଯେହ୍ନେ ଦୀପାଳୀ।

ପ୍ରେମ ପରବାହେ ଯେବେ ଆଗୋ ସଖି
ଦେହର ପରଶ ଲୋଡ଼ା
ନବ ଫଗୁଣର ରଙ୍ଗ ପସରାରେ
ବିଚ୍ଛେଦ ଦିଏ ପୀଡ଼ା।

ଗଭୀର ନିଶୀଥେ ଚନ୍ଦ୍ରମା ସାଥେ
ଯେବେ ଚାଲ ପ୍ରିୟା ପାଦ
ସେ ପଥର ରଜ ଚଳଚଞ୍ଚଳେ
ଚୁମ୍ବଇ ପଦ ଆଘାତ।

ତୁମେ ପାଶେ ଥିଲେ ଲାଗଇ ମଧୁର
କୃଷ୍ଣ କାଳିମା ନିଶି
ଚନ୍ଦ୍ରାତପ ତଳ ହିମ ପରବାହ
ପ୍ରଣୟ ଯାଏ ପରଶି ।

ଆସ ଆସ ସଖି ମିଳନ ମାନସେ
ରଚ ଗୋ ବସନ୍ତ ରାସ
କବି ତନ୍ମୟ ହେବ ନିଶ୍ଚୟ
ପାଇ ସେ ହେମ ପରଶ ।

□□□